ଅର୍ଜୁନର ସ୍ନାନ ପଦାର୍ଥ ଆଣିବା ଓ ନିଜର ଅସ୍ତ୍ର କୁଶଳତା ଦର୍ଶାଇ ଦ୍ରୋଣଙ୍କଠାରୁ ବର ପ୍ରାପ୍ତି
ଶୁଣ ହୋ ମହାରାଜା ଯଉଂ ଦିନ ବିଦ୍ୟା ପରୀକ୍ଷ କଲେ
ସେହି ଦିନୁ କଉରୋବେ ମନେ ଅନ୍ତର ଧଇଲେ । ୧
ଦ୍ରିଯୋଧନ ମୂଳେ ଯେ ବିଚାର କରନ୍ତି
ଆମ୍ଭ ତହିଂ ଗୁରୁଙ୍କର ନାହିଂ ଶୁଦ୍ଧମତି । ୨
ଦ୍ରୋଣେ ଯେ ଆମ୍ଭର ବିଦ୍ୟାଗୁରୁ ହୋଇଲେ
ୟେକା କରି ଅର୍ଜୁନକୁ ସେ ଶସ୍ତ୍ର ଶିଖାଇଲେ । ୩
ଆମ୍ଭେ ଶତେ ୟେକ ଉତ୍ତର ବିଦ୍ୟାୟେ ଶକତା ନୋହିଲୁ
ଦ୍ରୋଣ ପ୍ରାୟେ ଗୁରୁ ଥାଉଂ ବିଦ୍ୟା ନ ପାଇଲୁ । ୪
ୟେମନ୍ତେ ବିଚାରି ଧୃତରାଷ୍ଟ ତନେୟେ
କର୍ଣ୍ଣ ଦ୍ରିଯୋଧନ ଧୁଶାସନ ମୂଳେ ଗୁରୁଙ୍କ ବିନୟେ । ୫
ଭୋ ଗୁରୁ ତୁମ୍ଭେ ବେଦ ଶାହାସ୍ତ୍ରେ ସକଳ ନିର୍ଜିତା
ପ୍ରଶୁରାମଙ୍କ ବିଦ୍ୟାୟେ ତୁମ୍ଭେ ତ୍ରିଲୋକ୍ୟ ଜିଣନ୍ତା । ୬
ତୁମ୍ଭର ମନରେ ଆମ୍ଭଙ୍କୁ ଶୁଦ୍ଧ ଚିତ୍ତ ନାହିଂ
ୟେକା କରି ଅର୍ଜୁନକୁ ଶିଖାଅସି ଗୋସାଇଂ । ୭
ଦ୍ରୋଣ ପ୍ରାୟେ ଗୁରୁଙ୍କୁ ଆମ୍ଭେ ସେବା କଲୁ
ବିଦ୍ୟା ନ ପାଇଣ ଆମ୍ଭେ ଅସାର୍ଥୁକ ଯେ ହୋଇଲୁ । ୮
ଦ୍ରୋଣେ ବୋଇଲେ ଯେହ୍ନେ ଆମ୍ଭର ମନ୍ଦ କର୍ମ
ତୁମ୍ଭନ୍ତ ବିଦ୍ୟା ଶିଖାଇ ଆମ୍ଭେ ହୋଇଲୁ ଅକାରଣ । ୯
ତୁମ୍ଭନ୍ତ ଆମ୍ଭେ ବିଦ୍ୟା ଶିଖାଇଲୁ ଶୁଦ୍ଧ ଚିତ୍ତେ
ଗଣ୍ଠି ମୁଠି ଦୃଢ଼ କରି ଦେଖାଉଂ ନିଜ ଗାତ୍ରେ । ୧୦
ହସ୍ତ ଧରି ତୁମ୍ଭଙ୍କୁ ଜଣେ, ଜଣେ ଦେଖାଇ
ତୁମ୍ଭେ ତାହା ନ ଶିଖ ଯେ ମନରେ ଗର୍ବ ବହି । ୧୧
ତୁମ୍ଭନ୍ତ ବିଦ୍ୟା ଶିଖାଇଲେ ଅର୍ଜୁନ ଦେଖଇ
ଦେଖିଣ ଶିଖଇ ସେ କାହାକି ନ ପଚାରଇ । ୧୨
-------
୯ ।୨ ତୁମ୍ଭନ୍ତ ବିଦ୍ୟା ଶିଖାଇ ଆମ୍ଭେ ପାଇଲୁ ଅପମାନ ।

ୟେବଣ ନାରାଜ ଧରଇ ଫାଲଗୁନି
ମୋତେ ଗୋଚର ନୁହଇ ସେ ବୋଇଲେ ଦ୍ରୋଣ ମୁନି ।୧୩
ପ୍ରଶୁରାମ ବିଦ୍ୟା ତାକୁ ହୋଇଲା ପ୍ରାପତ
ଦେଖିଣ ଶିଖଇ ସେ ବାସବର ସୁତ । ୧୪
ଦ୍ରିଯୋଧନ ବୋଇଲା ତୁମ୍ଭର ଶୁଦ୍ଧ ଚିତ୍ତେ
ତେଣୁ କରି ସମସ୍ତ କହିଲ ବୀର ପାଥେ । ୧୫
ଦ୍ରିଯୋଧନ ବଚନେ ଦ୍ରୋଣେ ତୁନୀ ହେଲେ
ସମସ୍ତେ କୁରୁବୀରେ ଅର୍ଜୁନକଇଂ ହିଂସା କଲେ । ୧୬
ୟେଥୁ ଅନନ୍ତରେ ଶୁଣ ବଇବସୁତ ମନୁ
ବିଦ୍ୟାର ମହିମା ହୋ ଶୁଣ ବଇବସୁତ ମନୁ
ବିଦ୍ୟାର ମହିମା ହୋ ଶୁଣ ଯୁବରାଜ ତନୁ । ୧୭
ୟେକ ଦିନରେ ଯେ ଦ୍ରୋଣେ ଉପାୟେକ କଲେ
ସବୁ ପୁଅନ୍ତ ଘେନି ଯମୁନା ସ୍ନାହାନେ ଯେ ଗଲେ । ୧୮
ବାଟରେ ଦେଖିଲେ ସୁସଞ୍ଚ ଶାଳ ବୃକ୍ଷେ
ଦ୍ରୋଣେ ବୋଇଲେ ୟେଠାରେ ବୁଝିବା ପରୀକ୍ଷେ । ୧୯
ଅର୍ଜୁନକୁ ବୋଇଲେ ବାବୁ ତୁ ବାହୁଡିଣ ଯିବୁ

କୃପଙ୍କର ଘରୁ ସ୍ନାହାନ ସଞ୍ଜା ଯେ ଆଣିବୁ । ୨୦
ତିଳ ଅୟେଳା ସୁସଞ୍ଜ ଅଭ୍ୟଙ୍ଗମାନ
ଭୂଇଂରେ ନ ଥୋଇ ଆମ୍ଭଠାରୁ ଆଣିବୁ ଯେ ପୁଣ । ୨୧
ଗୁରୁଙ୍କର ବଚନେ ସେ ଚଳିଲା ଅର୍ଜୁନ
ବୃକ୍ଷର ତଳ ଯାଇଂ ମିଳିଲେ ଗୁରୁ ଦ୍ରୋଣ । ୨୨
ଦ୍ରିଯୋଧନ ବେନି କର ସଂକ୍ଷେପି ଧଇଲେ ଗୁରୁ ଦ୍ରୋଣ
ଦୃଷ୍ଟି ମୁଷ୍ଟି ଗଣ୍ଠି ଦୃଢ ସେ କରିଣ । ୨୩
ଦ୍ରିଯୋଧନ କରେ ଗୁରୁ ଦିଲେ ଧନୁ ତ୍ରୋଣ । ୨୪
କତୁରୀ ନାରାଜ ସେ ଗୁଣରେ ବସାଇ
ୟେକ ଦୃଷ୍ଟିରେ ନାରାଜ ବିନ୍ଧ କୁରୁସାଇଂ । ୨୫
ଶୁଣି ଦ୍ରିଯୋଧନ ବିନ୍ଧି ପତ୍ରମାନ କଲାକ ଛେଦନ
କୁରୁବୀରମାନଙ୍କର ଆନନ୍ଦ ପଞ୍ଚୁମନ । ୨୬

-------

୨୩ ।୧  ସଂକ୍ଷେପି-ଟାଣି

ଶିଷ୍ୟନ୍ତ ଘେନି ମୁନି ପ୍ରବେଶ ଯମୁନାର କୂଳେ
ମଥା ଯୋଗାଣ ଘେନି ଅର୍ଜୁନ ସେ ବୃକ୍ଷଠାରେ ମିଳେ । ୨୭
ଦେଖିଲେ ବୃକ୍ଷରେ ପତ୍ର ଗୋଟିୟେକ ନାହିଂ
ଆଶ୍ରିଜ ଅର୍ଜୁନ ସେ ବୃକ୍ଷକୁ ପୁଣ ଚାହିଂ । ୨୮
ଦେଖିଲା ଦ୍ରୋଣଙ୍କର ପଡିଛି ପାଦ ଗତି
ଅର୍ଜୁନ ବୋଇଲେ ଗୁପତ ବିଦ୍ୟା ଶିଖାଇଲେ କୁରୁପତି । ୨୯
ସେହିମତି ଅର୍ଜୁନ ପାଦ ଗତି କଲା
ପାଞ୍ଚଗୋଟି ନାରାଜ ଭୂମିକି ମାଇଲା । ୩୦ ସଂ
ତହିଂର ଉପରେ ସ୍ନାହାନ ସଞ୍ଜା ଥୋଇ
ଅବୋଲୋକନ ଶର ବିନ୍ଧିଲାକ ତହିଂ । ୩୧
ବଂକ୍ଷି ଗୋଟିମାନ ଯେ ପକାଇଲା ଛେଦି
ସ୍ନାହାନ ସଞ୍ଜାମାନ ଘେନି ସେ ଚଳଇ ମନଭେଦୀ । ୩୨
ଗୁରୁଙ୍କର ସନ୍ନିଧ୍ୟେ ନେଇ ସ୍ନାହାନ ସଞ୍ଜା ଦିଲେ
ସୁଗନ୍ଧ ତଇଳ ସେ ମଥାରେ ଲଗାଇଲେ । ୩୩
ଯମୁନା ନଦୀରେ ସେ ପଶିଲେ ଦ୍ରୋଣେ ଯାଇ
ସମସ୍ତ ଶିଷ୍ୟମାନେ ପଶିଲେ ଝସାଇ । ୩୪
ସ୍ନାହାନ କରନ୍ତେ ଯେ କୁମ୍ଭୀରେକ ଅଇଲା
ଦ୍ରୋଣ ଗୁରୁଙ୍କୁ ସେ ଯେ ଆକ୍ରେଷିଣ ନେଲା । ୩୫
ସମସ୍ତ ଶିଷ୍ୟମାନେ ଡରେ ଅଇଲେ ପଳାଇ
କୁମ୍ଭୀର ଗୁରୁଙ୍କୁ ନେଉଛି ଘୋସରାଇ । ୩୬
ଜଳରୁ ଦ୍ରୋଣ ଗୁରୁ ଆସି ତ ନୁଆରଇ
ରଖ ରଖ ବୋଲି ସେ ଶିଷ୍ୟଙ୍କୁ ଡାକ ଦେଇ । ୩୭
ଦେଖି ଭୀମସେନ ଜଳ ଭିତରକୁ ଡେଇଂଲା
ଆକ୍ରେଷିମ କରି ଯାଇଂ କୁମ୍ଭୀରକୁ ଧଇଲା । ୩୮
ଭିଡନ୍ତେ ଜଳପ୍ରଭା ସେ ହୋଇଲା ନିଧନ
ଦ୍ରୋଣ ଗୁରୁ ବୋଇଲେ ଧନ୍ୟ ରେ ଭୀମସେନ । ୩୯

--------

୩୨ ।୧  ବୃକ୍ଷି ଗୋଟିମାନ ଯେ ପକାଇଲା ଛେଦି
୩୪ ।୨  ସମସ୍ତ ଶିଷ୍ୟମାନ ପଶିଲେ ଅବଗାହି ।

୩୭।୨  ରଖ, ରଖ ବୋଲି ସେ ମିଛେ ଡାକ ଦେଇ।

ତୁହି ସେ ଯେତେ ବେଳେ ଦିଲୁ ଜୀବଦାନ
କିସ ଦେଇ ତୋଷ କରିବି ତୋର ମନ । ୪୦
ଗଦା ବିଦ୍ୟା ତୋତେ ଗୋଟିୟେ ଦେବଇଂ ପ୍ରସନ୍ନ
ମୋହୋର ଗଦା ବିଦ୍ୟାରେ ତୁ ସକଳ ଭୁବନ ଜିଣ । ୪୧
ବଳରାମ ଗଦା ବିଦ୍ୟା ବୋଲନ୍ତି ଜଗତେ
ଆରେ ତୋର ଗଦା ବିଦ୍ୟା ପ୍ରକାଶୁ ସେହି ମତେ । ୪୨
ଅତୁଟ ଗଦା ବିଦ୍ୟା ଦ୍ରୋଣେ ଭୀମସେନକୁ ଦିଲେ,
ତ୍ରଇଲୋକ ବିଖ୍ୟାତ ହୋଅ ଭୀମସେନକୁ ବୋଇଲେ । ୪୩
ଗଦା ବିଦ୍ୟା ପାଇଣ ସେ ସାନନ୍ଦ ଭୀମସେନ
ତହୁଂମ ପୁଅନ୍ତ ଘେନି ଦ୍ରୋଣେ କରନ୍ତି ଗମନ । ୪୪
ନେଉଟି ଗୁରୁ ଯେ ତରୁ ତଳେ ମିଳିଲେକ ଯାଇଂ
ଦ୍ରିଯୋଧନ ବୋଇଲା ସେ ଶାଳବୃକ୍ଷକୁ ଚାହିଂ । ୪୫
ଆମ୍ଭେ ଯେ କାଟିଲୁ ସମସ୍ତ ପତ୍ରମାନ
ବଂକ୍ଷିମାନଙ୍କୁ କେ କାଟିଲା ବୋଲଇ ଦ୍ରିଯୋଧନ । ୪୬
ଦ୍ରୋଣେ ବଦୟନ୍ତି ଶୁଣ ରେ ଅର୍ଜୁନ
ତୋହୋର ନାରାଜ ପ୍ରାୟେ ତ ଦିଶଇ ବିଦ୍ୟମାନ । ୪୭
ଅର୍ଜୁନ ବୋଇଲେ ମୁଂ କୃପଙ୍କ ଘରକୁ ଗଲି
ସ୍ନାହାନ ସଞ୍ଜା ଘେନିଣ ମୁଂ ଶୀଘ୍ରେଣ ଅଇଲି । ୪୮
ବୃକ୍ଷ ଉପରକୁ ମୁଂ ଚାହିଂଲି ନୟନ
ଦେଖିଲି ପତ୍ରମାନେ ଭୂମିରେ ପତନ । ୪୯
ନିରେଖି ଚାହିଂଲି ମୁଂ ଗୁରୁଙ୍କ ପାଦଗତି
ସେହି ମତି କରି ମୁଂ ବାବଲ ପେଷିଲଇଂ ଧାତି । ୫୦
ବଂକ୍ଷିମାନ ସବୁ ଛେଦି ପକାଇଲି ଭୂମି
ଶୁଣିଣ ଥମ୍ଭିଭୂତ ଦ୍ରୋଣ ମହାମୁନି । ୫୧
ଦ୍ରିଯୋଧନ ବଦନ ଚାହିଂ ବୋଲନ୍ତି ବଚନ
ଯେ ବିଦ୍ୟା ଅବା କାହୁଂ ଅର୍ଜିଲା ଅର୍ଜୁନ । ୫୨
ତୁମ୍ଭେମାନେ ଆମ୍ଭଙ୍କୁ ବୋଲୁଥାଅ ଜଗତେ
ସବୁ ସହୁଂ ଆମ୍ଭେ, ତୁମ୍ଭେ ଯହୁଂ ଶିଷ୍ୟ ପୁତ୍ରେ । ୫୩
-------
୪୬।୨  ବଂକ୍ଷି-ଡେମ୍ଫ

ଅର୍ଜୁନକୁ ଚାହିଂମ ଯେ ବୋଇଲେ ଗୁରୁ ଦ୍ରୋଣ
ଯେ ଭାରାଭର ଉଶ୍ୱାସିବାକୁ ତୁହିଂ ସେ ଯେ ଜନ୍ମ । ୫୪
ଧୁଶାସନ ବୋଇଲା ଗୁରୁ ହେ ଅର୍ଜୁନ ଆଗ୍ୟାଂ ତ ମେଣ୍ଟିଲା
ସ୍ନାହାନ ସଞ୍ଜାମାନ ସେ ଭୂମିରେ ଥୋଇଲା । ୫୫
ଅର୍ଜୁନ ବୋଇଲା ଗୁରୁ ହେ ଧୁଶାସନ ବୋଇଲା ଯେମନ୍ତ
ପଞ୍ଚୁ ନାରାଜ ଭୂମିକି ମାଇଲି ତୁରିତ । ୫୬
ତହିଂ ଉପରେ ଯେ ସ୍ନାହାନ ସଞ୍ଜା ମୁଂ ଥୋଇଲି
ବାବଲ ଶରେ ସବୁ ବଂକ୍ଷିମାନ ତ ଛେଦିଲି । ୫୭
ଗୁରୁଙ୍କର ଆଗ୍ୟାଂ ମେଣ୍ଟଇ ଯେବଣ ଶିଷ
ବିଦ୍ୟା ଅପ୍ରାପତ ହୋଇ ଅଳପେ ଯାଇ ସେ ନାଶ । ୫୮
ଦ୍ରୋଣ ଦେଖିଲେ ନାରାଜ ମୁନ ବସିଛି ଭୂମିର

ଦେଖି କରି ଚକିତ ଯେ ହୋଇଲେ କୁରୁବୀର । ୫୯
ପରମ ସାନନ୍ଦ ହୋଇମ ଆନନ୍ଦ ପଞ୍ଚୁମନ
ସକଳ ବିଦ୍ୟା ତୋତେ ହୋଉ ରେ ଅରଜୁନ । ୬୦
ସନ୍ତୋଷ ହୋଇମ ଅର୍ଜୁନକୁ ବର ଦିଲେ
ପୁଅନ୍ତ ଘେନି ଦ୍ରୋଣ ଇନ୍ଦ୍ରପ୍ରଶସ୍ତକୁ ଗଲେ । ୬୧
ଲାଖେକ ପାତି କରି ଶରମାନ ବିନ୍ଧନ୍ତି
ସେହି ଦିନୁ ପୁମ ହାତ ସୂତ୍ର ଯେ କରନ୍ତି । ୬୨
ଯେବଣ ନାରାଜ ବିନ୍ଧଇ ଅର୍ଜୁନ
ଦେଖି କୁରୁବୀରଙ୍କର ହୃଦୟ କ- ମାନ । ୬୩
କହନ୍ତି ଅଗସ୍ତି ପଣ୍ଡିତ ବ୍ରହ୍ମବେତ୍ତା
ବଇବସୁତ ମନୁ ଶୁଣନ୍ତି ଅମୃତ ରସ କଥା । ୬୪
ନମାମି ସିଦ୍ଧ ସାରୋଳା ଜଙ୍ଗେର ପୁର ବାସୀ
କଳିକାଳ ପାତକ ତୋହୋର ହୋୟେ ଧଂସି । ୬୫
ତୁ ସେ ବ୍ରହ୍ମଗ୍ୟାଂନୀ ଅନାଦି ଅପର୍ଣ୍ଣା ସାରୋଳା ଗୋସାମଣୀ
ଅଦୃଷ୍ଟି ଅଶ୍ରୁତି ତୁ ବଞ୍ଚାଇଲୁ ଆଣି । ୬୬
ଜନ୍ମେ ଜନ୍ମେ ମୁହିଂ ନୋହଇ ଶାହାସ୍ର ବାଦୀ
ପଣ୍ଡିତ ଜନ ମଧ୍ୟେ ମୁଂ ନ ପଶିଲି ପ୍ରସିଦ୍ଧି । ୬୭
ସେ ସିଦ୍ଧ ଦେବୀ ମୋତେ ପ୍ରସନ୍ନ ହୋଇଲା
ଅକଳାନ୍ତ ଶ୍ରୀ ମହାଭାରତ ମୋତେ ଆଗ୍ୟାଂ ଦିଲା । ୬୮
ଜଙ୍ଗେର ପୁର ବାସୀନୀ କୃପାଜଳ ନନ୍ଦନୀ
ତାହାର ଆଗ୍ୟାଂ ପ୍ରମାଣେ ମୁଂ ହୋଇଲି ଶୁଦ୍ରମୁନି । ୬୯
ସେ ସିଦ୍ଧ ଦେବୀ ଚରଣେ ମୋର ସେବା
ଶୁଦ୍ରମୁନି ସାରୋଳା ଦାସକୁ ଗତି ମୁକ୍ତି ଦେବା । ୭୦-୪୧୧୩ ।
--------
୬୨ ।୨  ସେହି ଦିନୁଂ ଶର ସେ ବିନ୍ଧନ୍ତି ନିତି ପ୍ରତି ।(ପୋ)
୬୨ ।୨  ସୂତ୍ର-ହସ୍ତରେ ଶର ଯୋଜନା କରନ୍ତି
*********